# NATIONAL NEWS BULLETIN (ODIA)

## 7 April - 2025

## Evening Bulletin : 7.15 P.M.

************************************

## ମୁଖ୍ୟ ସମ୍ବାଦ

- ଭାରତ-ପର୍ତ୍ତୁଗାଲ୍ ସମ୍ପର୍କକୁ ଐତିହାସିକ ବର୍ଣ୍ଣନା କଲେ ରାଷ୍ଟ୍ରପତି ।
- ଦେଶର ସୀମା ସୁରକ୍ଷା ପାଇଁ ବୈଦ୍ୟୁତିକ ନିରୀକ୍ଷଣ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ସୂଚନା ଦେଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।
- ରନ୍ଧନ ଗ୍ୟାସ୍ ସିଲିଣ୍ଡର ପିଛା ବୃଦ୍ଧି ପାଇଲା ୫୦ ଟଙ୍କା ।

– ଆସନ୍ତାକାଲି ଠାରୁ ଲାଗୁ ହେବ ବର୍ଦ୍ଧିତ ଦର ।

- ଛତିଶଗଡ଼ରେ ୩୧ ଜଣ ମାଓବାଦୀଙ୍କ ଆତ୍ମସମର୍ପଣ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଆଉ ଅଳ୍ପ ସମୟ ପରେ ରୟାଲ୍‌ଚାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ଆରମ୍ଭ ହେବ ମୁକାବିଲା ।

# ରାଷ୍ଟ୍ରପତି

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଲିସ୍‌ବନ୍‌ରେ ପର୍ତ୍ତୁଗାଲ୍ ପ୍ରତିପକ୍ଷ ମାର୍ସେଲୋ ରେବେଲୋ ଡି ସୌସାଙ୍କ ସହ ଏକ ପ୍ରତିନିଧି ସ୍ତରୀୟ ଆଲୋଚନା କରିଛନ୍ତି । ଏହା ପରେ ଏକ ମିଳିତ ଗଣମାଧ୍ୟମ ସମ୍ମିଳନୀ ରାଷ୍ଟ୍ରପତି ମୁର୍ମୁ ଭାରତ-ପର୍ତ୍ତୁଗାଲ୍ ସମ୍ପର୍କକୁ ଐତିହାସିକ ବୋଲି ବର୍ଣ୍ଣନା କରିଛନ୍ତି, ଯାହା ବର୍ତ୍ତମାନ ଆଧୁନିକ ଏବଂ ବହୁମୁଖୀ ଭାଗିଦାରୀ ଭାବରେ ବିକଶିତ ହେଉଛି ବୋଲି ସେ କହିଛନ୍ତି । ରାଷ୍ଟ୍ରପତି କହିଛନ୍ତି, ଦ୍ୱିପକ୍ଷିକ ସମ୍ପର୍କର ବିଭିନ୍ନ କ୍ଷେତ୍ରରେ ତାଙ୍କ ପର୍ତ୍ତୁଗିଜ୍ ପ୍ରତିପକ୍ଷଙ୍କ ସହ ବ୍ୟାପକ ଏବଂ ଗଠନମୂଳକ ଆଲୋଚନା ହୋଇଛି ।

**V/O**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କର ପ୍ରଥମ ପର୍ଯ୍ୟାୟ ପର୍ତ୍ତୁଗାଲ୍ ଓ ସ୍ଲୋଭାକିଆ ଗସ୍ତରେ ଯାଇ ଆଜି ସକାଳେ ପର୍ତ୍ତୁଗାଲ୍‌ର ଲିସ୍‌ବନ୍‌ରେ ପହଞ୍ଚିଥିଲେ । ତାଙ୍କୁ ପର୍ତ୍ତୁଗାଲ୍ ରାଷ୍ଟ୍ରପତି ମାର୍ସେଲୋ ରେବେଲୋ ଡି ସୌସା ସ୍ୱାଗତ କରିଥିଲେ । ପରେ ଲିସ୍‌ବନ୍‌ର ଜିରୋନିମୋସ୍ ମୋମଷ୍ଟ୍ରି ଠାରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା ।

ରାଷ୍ଟ୍ରପତିଙ୍କୁ ୨୧ ତୋପ ସଲାମି ପ୍ରଦାନ କରାଯିବା ପରେ ସେଠାକାର ପ୍ରତିରକ୍ଷା ବାହିନୀ ତାଙ୍କୁ ସମ୍ମାନ ପ୍ରଦର୍ଶନ କରିଥିଲେ । ଶ୍ରୀମତୀ ମୁର୍ମୁ ପର୍ତ୍ତୁଗାଲ୍‌ର ବିଶିଷ୍ଟ କବି ଲୁଇସ୍ ଭାଜ୍ ଡି କେମୋସ୍‌ଙ୍କ

ସମାଧି ସ୍ଥଳରେ ଯାଇ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ପରେ ସେ ପର୍ତ୍ତୁଗାଲ ପ୍ରତିପକ୍ଷ ମାର୍ସେଲୋ ରେବେଲୋ ଡି ସୌସାଙ୍କ ସହ ଏକ ପ୍ରତିନିଧି ସ୍ତରୀୟ ଆଲୋଚନା କରିଥିଲେ ।

ପର୍ତ୍ତୁଗାଲ୍ ପ୍ରଧାନମନ୍ତ୍ରୀ ଲୁଇସ୍ ମଣ୍ଟେନେଗ୍ରୋ ଏବଂ ସଂସଦର ବାଚସ୍ପତି ଜୋସ୍ ପେଡ୍ରୋ ଆଗ୍ୱିଆର୍-ବ୍ରାଙ୍କୋ'ଙ୍କୁ ମଧ୍ୟ ଶ୍ରୀମତୀ ମୁର୍ମୁ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି । ଲିସ୍‌ବନ୍‌ର ମେୟର ରାଷ୍ଟ୍ରପତିଙ୍କ ସମ୍ମାନାର୍ଥେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରୁଛନ୍ତି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପର୍ତ୍ତୁଗାଲ୍‌ରେ ଥିବା ଭାରତୀୟ ସମ୍ପ୍ରଦାୟଙ୍କ ସହିତ ମତବିନିମୟ କରିବେ । ବିଭିନ୍ନ ବିଶ୍ୱବିଦ୍ୟାଳୟ ଏବଂ ଶିକ୍ଷାନୁଷ୍ଠାନରେ କାର୍ଯ୍ୟରତ ଭାରତୀୟ ଗବେଷକଙ୍କୁ ରାଷ୍ଟ୍ରପତି ସାକ୍ଷାତ କରିବାର କାର୍ଯ୍ୟସୂଚୀ ରହିଛି । ଦୀର୍ଘ ୨୭ ବର୍ଷର ବ୍ୟବଧାନ ପରେ ଭାରତର ରାଷ୍ଟ୍ରପତିଙ୍କର ଏହା ହେଉଛି ପ୍ରଥମ ପର୍ତ୍ତୁଗାଲ ଗସ୍ତ । ଉଭୟ ଦେଶ କୂଟନୈତିକ ସମ୍ପର୍କର ୫୦ ବର୍ଷ ପୂର୍ତ୍ତି ପାଳନ କରୁଛନ୍ତି । ରାଷ୍ଟ୍ରପତିଙ୍କର ଏହି ଗସ୍ତ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବାର ଆଶା କରାଯାଇଛି ।

ସେହିଭଳି ସ୍ଲୋଭାକିଆ ରାଷ୍ଟ୍ରପତି ପିଟର ପେଲିଗ୍ରିନିଙ୍କ ନିମନ୍ତ୍ରଣ କ୍ରମେ ଆସନ୍ତା ୯ ଏବଂ ୧୦ ତାରିଖରେ ରାଷ୍ଟ୍ରପତି ମୁର୍ମୁ ସ୍ଲୋଭାକିଆ ଗସ୍ତରେ ଯିବେ । ସେଠାରେ ରାଷ୍ଟ୍ରପତି ମୁର୍ମୁ ତାଙ୍କ ସ୍ଲୋଭାକିଆ ପ୍ରତିପକ୍ଷ ପିଟର ପେଲିଗ୍ରିନି ଏବଂ ପ୍ରଧାନମନ୍ତ୍ରୀ ରବର୍ଟ ଫିକୋଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ।

୨୯ବର୍ଷ ପରେ ଭାରତର ରାଷ୍ଟ୍ରପତି ପ୍ରଥମଥର ପାଇଁ ସ୍ଲୋଭାକିଆ ଗସ୍ତରେ ଯାଉଛନ୍ତି ।

## ପିଏମ୍-ନବକର ମହାମନ୍ତ୍ର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ବୁଧବାର ଦିନ ନୂଆଦିଲ୍ଲୀରେ ନବ୍‌କର ମହାମନ୍ତ୍ର ଦିବସ ସମାରୋହରେ ଯୋଗଦେବେ । ଏହି ଅବସରରେ ଏକ ଜନସମାବେଶକୁ ପ୍ରଧାନମନ୍ତ୍ରୀ ସମ୍ବୋଧନ କରିବେ । ନବକର ମହାମନ୍ତ୍ର ଦିବସ ହେଉଛି, ଜୈନ ଧର୍ମର ଆଧ୍ୟାତ୍ମିକ, ସୌହାର୍ଦ୍ଦ୍ୟ ଏବଂ ନୈତିକ ଚେତନାର  ଏକ ମହତ୍ତ୍ୱପୂର୍ଣ୍ଣ ଉତ୍ସବ । ଏହି ସମ୍ମାନଜନକ ଏବଂ ସାର୍ବଜନୀନ ନବକର ମହାମନ୍ତ୍ର ଦିବସରେ ସାମୂହିକ ଜପ ମାଧ୍ୟମରେ ଲୋକଙ୍କୁ ଏକାଠି କରିବାକୁ ପ୍ରୟାସ କରାଯାଇଥାଏ । ଅହିଂସା, ନମ୍ରତା ଏବଂ ଆଧାତ୍ମିକ ଉନ୍ନତିର ନୀତିବାଣୀରେ ଆଧାରିତ ଏହି ମନ୍ତ୍ର ଆଭ୍ୟନ୍ତରୀଣ ପରିବର୍ତ୍ତନକୁ ପ୍ରେରଣା ଦେଇଥାଏ । ଶାନ୍ତି ଓ ଏକତା ପାଇଁ ୧୦୮ରୁ ଅଧିକ ଦେଶର ଶ୍ରଦ୍ଧାଳୁ ଏହି ବିଶ୍ୱସ୍ତରୀୟ ଧାର୍ମିକ ସମାବେଶରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

# ଶାହା–ଜାମ୍ମୁ କାଶ୍ମୀର

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି, ଦେଶର ସୀମା ସୁରକ୍ଷା ପାଇଁ ସରକାର ଏକ ବୈଦ୍ୟୁତିକ ନୀରିକ୍ଷଣ ବ୍ୟବସ୍ଥା କରୁଛନ୍ତି । ଜାମ୍ମୁ କାଶ୍ମୀରରେ ଆତଙ୍କବାଦୀଙ୍କ ଅନୁପ୍ରବେଶକୁ ରୋକିବା ପାଇଁ ଭୂମିତଳେ ସୁଡ଼ଙ୍ଗଗୁଡ଼ିକୁ ଠାବ କରିବା ଏବଂ ଏହାକୁ ନଷ୍ଟ କରିବା ପାଇଁ ଏହି ନୂତନ ଜ୍ଞାନକୌଶଳର ବ୍ୟବହାର କରାଯିବ । ସ୍ୱରାଷ୍ଟ୍ରମନ୍ତ୍ରୀ କାଠୁଆ ଜିଲ୍ଲାର ହୀରାନଗର ସେକ୍ଟର ଏବଂ ବି.ଏସ୍.ଏଫ୍. ଆଉଟ୍‌ପୋଷ୍ଟ ବିନୟ ଗସ୍ତ କରି ସ୍ଥିତିର ଅନୁଧ୍ୟାନ କରିବା ଅବସରରେ ଏହା କହିଛନ୍ତି ।

ପୂର୍ବରୁ ସେ କାଠୁଆ ଜିଲ୍ଲାର ଭାରତ–ପାକିସ୍ତାନ ସୀମାରେ ଥିବା ବି.ଏସ୍.ଏଫ୍.ର ଫରୱାର୍ଡ୍ ପୋଷ୍ଟ ପରିଦର୍ଶନ କରିଛନ୍ତି । ଗତ ୧୫ ଦିନ ଧରି ପାକିସ୍ତାନୀ ଆତଙ୍କବାଦୀଙ୍କ ବିରୁଦ୍ଧରେ ବ୍ୟାପକ ଅଭିଯାନ ଚାଲିଥିବା ଦୃଷ୍ଟିରୁ ଶ୍ରୀ ଶାହା ଏହି ପୋଷ୍ଟକୁ ପରିଦର୍ଶନ କରିଥିବା ଜଣାପଡ଼ିଛି । ଏହି କ୍ରମରେ ବି.ଏସ୍.ଏଫ୍ ଯବାନଙ୍କୁ ସମ୍ବୋଧିତ କରି ଶ୍ରୀ ଶାହା ସେମାନଙ୍କ ଅବଦାନକୁ ପ୍ରଶଂସା କରିବା ସହ ଆହ୍ୱାନପୂର୍ଣ୍ଣ ପରିସ୍ଥିତିରେ କିଭଳି ଯବାନମାନେ କର୍ତ୍ତବ୍ୟ ପାଳନ କରୁଛନ୍ତି ସେ ବିଷୟରେ ଉଦ୍‌ବୋଧନ ଦେଇଛନ୍ତି ।

ତିନି ଦିନିଆ ଜାମ୍ମୁ କାଶ୍ମୀର ଗସ୍ତରେ ଥିବା ସ୍ୱରାଷ୍ଟ୍ର ମନ୍ତ୍ରୀ ଗତକାଲି ସନ୍ଧ୍ୟାରେ ଜାମ୍ମୁରେ ପହଞ୍ଚି ସହରର ତ୍ରିକୁଟା ନଗର ବିଜେପି ମୁଖ୍ୟାଳୟରେ

ଦଳୀୟ ବିଧାୟକ, ବରିଷ୍ଠ ନେତା ତଥା ପଦାଧିକାରୀଙ୍କ ସହ ଏକ ରୁଦ୍ଧଦ୍ୱାର ବୈଠକ କରିଥିଲେ ।

କାଠୁଆରୁ ଫେରିବା ପରେ ଜାମ୍ମୁ ରାଜଭବନରେ ସହିଦ ପୁଲିସ୍ କର୍ମଚାରୀଙ୍କ ପରିବାର ସଦସ୍ୟଙ୍କୁ ସ୍ୱରାଷ୍ଟ୍ର ମନ୍ତ୍ରୀ ସାକ୍ଷାତ କରିବା ସହ ଅନୁକମ୍ପାମୂଳକ ଭିତ୍ତିରେ ନିଯୁକ୍ତିପତ୍ର ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି । ଗତ ବର୍ଷ ଅକ୍ଟୋବରରେ ନ୍ୟାସନାଲ୍ କନ୍‌ଫରେନ୍ସ ସରକାର ଗଠନ ହେବା ପରେ ଶ୍ରୀ ଶାହାଙ୍କ ଏହା ହେଉଛି ପ୍ରଥମ ଗସ୍ତ । ଶ୍ରୀନଗର ସ୍ଥିତ ରାଜଭବନରେ ଆସନ୍ତାକାଲି ଶ୍ରୀ ଶାହାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହେବ । ଯେଉଁଥିରେ କେନ୍ଦ୍ର ଶାସିତ ଅଞ୍ଚଳର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମର ସମୀକ୍ଷା କରାଯିବ । ପରେ ଅନ୍ୟ ଏକ ବୈଠକରେ ଜାମ୍ମୁ କାଶ୍ମୀରର ସୁରକ୍ଷା ସ୍ଥିତିର ଶ୍ରୀ ଶାହା ସମୀକ୍ଷା କରିବେ ବୋଲି ସୂଚନା ମିଳିଛି ।

## ରନ୍ଧନ ଗ୍ୟାସ୍

ରନ୍ଧନ ଗ୍ୟାସ୍ ମୂଲ୍ୟ ସିଲିଣ୍ଡର ପିଛା ୫୦ ଟଙ୍କା ବୃଦ୍ଧି ପାଇଛି । ଏ ସମ୍ପର୍କରେ ସୂଚନା ଦେଇ କେନ୍ଦ୍ର ପେଟ୍ରୋଲିୟମ୍ ଓ ପ୍ରାକୃତିଗ ବାଷ୍ପ ମବ ହରଦୀପ ସିଂ ପୁରି କହିଛନ୍ତି, ଏହି ବର୍ଦ୍ଧିତ ଦର ଆସନ୍ତାକାଲିଠାରୁ ସମସ୍ତ ପ୍ରକାର ଏଲ୍.ପି.ଜି. ସିଲିଣ୍ଡର ୍ ପାଇଁ ଲାଗୁ ହେବ । ଏପରିକି ଉଜ୍ଜ୍ୱଳା ହିତାଧିକାରୀଙ୍କ ପାଇଁ ମଧ୍ୟ ଏହି ବର୍ଦ୍ଧିତ ଦର ଲାଗୁ ହେବ । ଅନ୍ୟପକ୍ଷରେ

ପେଟ୍ରୋଲ୍ ଏବଂ ଡିଜେଲ୍ ଉପରେ ଉତ୍ପାଦ ଶୁଳ୍କ ଲିଟର ପିଛା ୨ ଟଙ୍କା ଲେଖାଏଁ ବୃଦ୍ଧି କରାଯାଇଛି । ଏହା ମଧ୍ୟ ଆସନ୍ତାକାଲିଠାରୁ ଲାଗୁ ହେବ ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ତେବେ ଏହି ବର୍ଦ୍ଧିତ ଦର ଆଧାରରେ ଖୋଲା ବଜାରରେ ପେଟ୍ରୋଲ୍ ଏବଂ ଡିଜେଲ୍ ଦରରେ କୌଣସି ବୃଦ୍ଧି ଘଟିବ ନାହିଁ ବୋଲି ମନ୍ତ୍ରଣାଳୟ ସ୍ପଷ୍ଟ କରିଛି ।

## ଛତିଶଗଡ଼-ମାଓବାଦୀ

ଛତିଶଗଡ଼ର ଦନ୍ତେୱାଡ଼ା ଜିଲ୍ଲାରେ ଆଜି ୨୬ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି । ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ମଧ୍ୟରୁ ତିନି ଜଣଙ୍କ ଉପରେ ସାଢ଼େ ଚାରି ଲକ୍ଷ ଲେଖାଏଁ ଅର୍ଥରାଶି ଘୋଷଣା କରାଯାଇଥିଲା । ପୁଲିସ୍ ଆରକ୍ଷି ଅଧିକ୍ଷକ ଗୌରବ ରାଇଙ୍କ ପାଖରେ ଏହି ମାଓବାଦୀମାନେ ଆତ୍ମସମର୍ପଣ କରିଛନ୍ତି । ସେହିଭଳି ନୟନପୁର ଜିଲ୍ଲାରେ ୫ ଜଣ ମହିଳା ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ଉପରେ ୧ ଲକ୍ଷ ଟଙ୍କାର ଅର୍ଥରାଶି ଘୋଷଣା କରାଯାଇଥିଲା । ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କୁ ୨୫ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରାଯାଇଛି । ଏଥିସହ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବା ପାଇଁ ନକ୍ସଲ ଥଇଥାନ ନୀତି ଆଧାରରେ ତାଙ୍କୁ ସମସ୍ତ ପ୍ରକାର ସହାୟତା ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯିବ ।

# ୱାର୍ଲ୍ଡ ହେଲ୍‌ଥ ଡେ

ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି ଲକ୍ଷ୍ୟ ନେଇ ସମଗ୍ର ବିଶ୍ୱରେ ଆଜି ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ କରାଯାଉଛି । ସ୍ୱାସ୍ଥ୍ୟ ସମ୍ପର୍କିତ ଆହ୍ୱାନ ଗୁଡ଼ିକର ମୁକାବିଲା ଏବଂ ସୁସ୍ଥ ଜୀବନଶୈଳୀ ନେଇ ଜନସଚେତନତା ବୃଦ୍ଧି ଲକ୍ଷ୍ୟରେ ପ୍ରତିବର୍ଷ ଏପ୍ରିଲ୍ ୭ ତାରିଖରେ ଏହି ଦିବସ ପାଳନ କରାଯାଇଥାଏ । ଅନ୍ୟ ପକ୍ଷରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଆଜି ହେଉଛି ପ୍ରତିଷ୍ଠା ଦିବସ । ୧୯୪୮ ମସିହା ଏପ୍ରିଲ୍ ୭ ତାରିଖରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପ୍ରତିଷ୍ଠା କରାଯାଇଥିଲା । ଚଳିତ ବର୍ଷ ସ୍ୱାସ୍ଥ୍ୟ ଦିବସର ବିଷୟବସ୍ତୁ ରହିଛି – 'ସୁସ୍ଥ ଆରମ୍ଭ, ଆଶାଜନକ ଭବିଷ୍ୟତ' ।

୧୯୫୦ ମସିହାରୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ପ୍ରତ୍ୟେକ ବର୍ଷ ଏହି ଦିବସ ପାଳିତ ହୋଇଆସୁଛି ।

ବିଶ୍ୱ ସ୍ୱାସ୍ଥ୍ୟଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୁସ୍ଥ ବିଶ୍ୱ ଗଠନ ପାଇଁ ନିଜର ପ୍ରତିବଦ୍ଧତା ଦୋହରାଇଛନ୍ତି । ସେ ତାଙ୍କ ବାର୍ତ୍ତାରେ କହିଛନ୍ତି, ସରକାର ସ୍ୱାସ୍ଥ୍ୟସେବା ଉପରେ ଧ୍ୟାନଦେବା ଜାରି ରଖିବେ ଏବଂ ଲୋକଙ୍କ କଲ୍ୟାଣ ନିମନ୍ତେ ବିଭିନ୍ନ ଦିଗରେ ବିନିଯୋଗ କରିବେ । ଉତ୍ତମ ସ୍ୱାସ୍ଥ୍ୟ ହିଁ ପ୍ରତ୍ୟେକ ସମୃଦ୍ଧ ସମାଜର ମୂଳଦୁଆ ବୋଲି ଶ୍ରୀ ମୋଦୀ କହିଛନ୍ତି ।

ଆକାଶବାଣୀ ସମ୍ବାଦ ବିଭାଗକୁ ଏକ ସ୍ୱତନ୍ତ୍ର ସାକ୍ଷାତକାରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ୍ କହିଛନ୍ତି, ଗର୍ଭବତୀ ମହିଳା ଏବଂ ନବଜାତକଙ୍କ ସୁରକ୍ଷା ପାଇଁ ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ଏହାଦ୍ୱାରା ମାତୃ ଏବଂ ଶିଶୁ ମୃତ୍ୟୁହାର ଯଥେଷ୍ଟ ପରିମାଣରେ ହ୍ରାସ ପାଇଛି । ସୁସ୍ଥ ଜୀବନଶୈଳୀ ଆପଣେଇବାକୁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି ।

**V/O**

# ଆଇପିଏଲ୍

ମୁମ୍ବାଇର ୱାଙ୍ଖେଡ଼େ ଷ୍ଟାଡିୟମ୍ ଠାରେ ଆଉ ଅଳ୍ପ ସମୟ ପରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ମୁକାବିଲା ଆରମ୍ଭ ହେବ । ମୁମ୍ବାଇ ଇଣ୍ଡିଆନ୍ସ ଟସ୍ ଜିତି ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଛି ।

ଗତକାଲିର ମ୍ୟାଚ୍‌ରେ ଗୁଜରାଟ ଟାଇଟନ୍ସ ସନ୍‌ରାଇଜର୍ସ ଆଇଦ୍ରାବାଦ୍‌କୁ ୭ ୱିକେଟ୍‌ରେ ପରାସ୍ତ କରିଥିଲା ।